ଢେଙ୍କାନାଳ (ଭାସ୍କର ନ୍ୟୁଜ୍): ଜିଲ୍ଲାର ଓଡାପଡା ବ୍ଲକ୍ ସିମିନଈ ପଂଚାୟତର ଅଙ୍କରାନ୍ତିପୁର ଠାରେ ଗ୍ରାମ୍ୟ ପରିଚାଳନା କମିଟି ଦ୍ୱାରା ପ୍ରାୟ ୫ଏକର ଜାଗାରେ ୪୦୦ଟି କାଜୁ ଗଛ ରୋପଣ କରାଯାଇଛି । କରୋନା ମହାମାରୀ ସମୟରେ ଅକ୍ସିଜେନ୍‌ର ଅଭାବ ପରିଲକ୍ଷିତ ହେଉଥିବାରୁ ପ୍ରଯ୍ୟାପ୍ତ ପରିମାଣର ବୃକ୍ଷରୋପଣର ଆବଶ୍ୟକତା ରହିଛି । ଯାହାଫଳରେ ଅକ୍ସିଜେନ୍ ବୃକ୍ଷ ଯୋଗାଇଥାଏ । ଏହାକୁ ଉପଲକ୍ଷି କରି ଗ୍ରାମ ପରିଚାଳନା କମିଟି ପକ୍ଷରୁ ଗ୍ରାମବାସୀଙ୍କ ସହିତ ଯୁବପିଢୀଙ୍କୁ ଧରି ବୃକ୍ଷରୋପଣ ଦିବସ ପାଳନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ କାଜୁଗଛ ରୋପଣର ଉଦ୍ଦେଶ୍ୟ ହେଉଛି ଅମ୍ଳଜାନ ଯୋଗାଇବା ସହିତ ପରିବେଶ ସୁରକ୍ଷା ବ୍ୟତୀତ କାଜୁ ମଞ୍ଜି ଏକ ମୂଲ୍ୟବାନ ପଦାର୍ଥ ହୋଇଥିବାରୁ ଏହାର ଆମଦାନିରେ ପ୍ରାପ୍ୟ ଅର୍ଥ ଗ୍ରାମରେ ଥିବା ଦେବାଦେବୀ ମନ୍ଦିରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସହାୟକ ହେବ । ଏହି କାର୍ଯ୍ୟକ୍ରମରେ ସଭାପତି ଭୋଳେଶ୍ୱର ମହାରଣା, ସଂପାଦକ ଅରୁଣ ନାୟକ, ରମାକାନ୍ତ ଜେନା, ଅଭୟ ନାୟକ, ଗୋକୁଳାନନ୍ଦ ପ୍ରଧାନ, ରମେଶ ଚନ୍ଦ୍ର ମହାରଣା, ତପନ କୁମାର ରାଉତଙ୍କ ସହ ବହୁ ମାନ୍ୟଗନ୍ୟ ଗ୍ରାମବାସୀ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ ।

# ଗ୍ରାମ୍ୟ ଜଳଯୋଗାଣର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଗଣଶିକ୍ଷାମନ୍ତ୍ରୀ

ଗୋପ (ଭାସ୍କର ନ୍ୟୁଜ୍): ବିକାଶ କ୍ଷେତ୍ରରେ ଆମ ରାଜ୍ୟ ର ସବୁଠାରୁ ଆଗରେ ରହିଛି । ଉନ୍ନତି ର ମଣିଷ ହେଉଛନ୍ତି ନବୀନ ପଟ୍ଟନାୟକ । ପ୍ରବାଦ ପୁରୁଷ ବିଜୁ ବାବୁ ଙ୍କ ପୁତ୍ର ହୋଇଥିବାରୁ ତାଙ୍କ ବାପା ଙ୍କ ଅଧୁରା ସ୍ୱପ୍ନ କୁ ପୁରଣ କରିବା ତାଙ୍କର ଏକ ମାତ୍ର ଲକ୍ଷ ହୋଇ ଥିବା ବେଳେ କେବଳ ଗାଁ ବିକାଶ କୁ ଅଧିକ କ୍ରିୟାଶୀଳ କରିବା ଆମ ସରକାର ଙ୍କ ମୂଳ ଉଦ୍ଦେଶ୍ୟ ବୋଲି ମଙ୍ଗଳବାର ପୂର୍ବାହ୍ନ ରୁ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିବା ମାରାଥନ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା ଅବସରରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଥିଲେ । ମନ୍ତ୍ରୀ ଗୋପ ବ୍ଲକ ର ୬ ଗୋଟି ପଞ୍ଚାୟତର ବିଭିନ୍ନ ସ୍ଥାନରେ ୧୨ କୋଟି ୨୦ ଲକ୍ଷ ଟଙ୍କାର ପ୍ରକଳ୍ପ ର ଭିତ୍ତି ପ୍ରସ୍ତର କରିଥିଲେ । ବ୍ଲକ ଅଧିନ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ଇଚ୍ଛାପୁର,ଶ୍ରୀ କେରେଣ୍ଡ଼ା, ରାହାଙ୍ଗୋରଡା ପଞ୍ଚାୟତ ର ସନ୍ତରସ,ଗୋପ ପଞ୍ଚାୟତ ର ଗୋପ, ବାୟାକୂଦା ଗ୍ରାମଠାରେ ପିଇବା ପାଣି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା କରିଥିବା ବେଳେ ବଡତରା ପଞ୍ଚାୟତ ର ଗଡରୁପାସ ଠାରେ କଲ୍ୟାଣ ମଣ୍ଡପ ସହ ପିଇବା ପାଣି ପ୍ରକଳ୍ପ,ବେଦପୁର ପଞ୍ଚାୟତ ର ଏକ ସଭାଗୃହ,ପିଓ ବାସଗୃହ, ମହିଳା ମାନଙ୍କ ଲାଗି ଉଦ୍ଦିଷ୍ଟ ମିଶନ ଶକ୍ତି ଗୃହ ସମେତ ଭଇରିପୁର ଠାରେ ଏକ ପୂରାତନ ପୋଖରୀ ଖନନ ଓ ମା ଭୂଆଶୁଣି ବିଦ୍ୟାଳୟ ପରିସରରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୃକ୍ଷ ରୋପଣ କରିଥିଲେ । ଏହି ସବୁ ପ୍ରକଳ୍ପ ର କାର୍ଯ୍ୟ ଖୁବ ଶିଘ୍ର ଶେଷ କରିବାକୁ ନେଇ ମନ୍ତ୍ରୀ ମଧ ନିର୍ଦ୍ଦେଶ ଦେଇଥିଲେ । କାର୍ଯକ୍ରମ ରେ ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ଯୁବନେତା ଧର୍ମେନ୍ଦ୍ର ସାହୁ, ବାସୁଦେବ ଶାହାଣି,ନୀରଞ୍ଜନ ଶଗଡ଼ଆ, ସୁକାନ୍ତ କୁମାର ମହାନ୍ତି, ପ୍ରତାପ ପରିଡ଼ା,ଶଙ୍ଖଲତା ମିଶ୍ର, ସ୍ୱର୍ଣ୍ଣଲତା ପାଢ଼ି, ଦିଲ୍ଲିପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ବିଭିନ୍ନ ବିଭାଗ ର ଯନ୍ତ୍ରୀ ଏବଂ ବିଜେଡି ଦଳର କିଛି କ୍ରମି କାର୍ଯ୍ୟକ୍ରମ କୁ ପରିଚାଳନା କରାଇଥିଲେ ।

# ଦିନକରେ ୨୦୮୫ ପଜିଟିଭ୍, ୫୬ ମୃତ

## ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୫୮୦୫୯, ଦିନକରେ ସୁସ୍ଥ ୨୩୪୧

ଭୁବନେଶ୍ୱର (ହି.ସ): ରାଜ୍ୟରେ ଗୋଟିଏ ଦିନରେ ୨୦୮୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୫୮୦୫୯ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୩୨୬୬୬ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୨୦୧୬୮ ରହିଛି । ଆଜି ଚିହ୍ନଟ ହୋଇଥିବା ୨୦୮୫ ଜଣଙ୍କ ମଧ୍ୟରୁ ୧୧୯୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୯୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୫୨୮ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୭୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୧୩ ଜଣ, ବରଗଡ଼ରୁ ୧୫ ଜଣ, ଭଦ୍ରକରୁ ୧୭୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୦୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୦୨, କଟକରୁ ୩୩୫, ଦେବଗଡ ଜିଲ୍ଲାରୁ ୪ ଜଣ, ଢେଙ୍କାନାଳ ଜିଲ୍ଲାରୁ ୪୧ ଜଣ, ଗଜପତି ଜିଲ୍ଲାରୁ ୧୯ , ଗଞ୍ଜାମରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୦୮ ଜଣ, ଯାଜପୁରରୁ ୧୩୨ ଜଣ, ଝାରସୁଗୁଡ଼ାରୁ ୦୨ ଜଣ, କଳାହାଣ୍ଡିରୁ ୧୦ ଜଣ, କନ୍ଧମାଳ ଜିଲ୍ଲାରୁ ୧୮ ଜଣ. କେନ୍ଦ୍ରାପଡ଼ାରୁ ୯୪ ଜଣ, କେନ୍ଦୁଝରରୁ ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଖୋର୍ଦ୍ଧାରୁ ୫୨୮ ଜଣ, କୋରାପୁଟରୁ ୧୬ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୮୪ ଜଣ, ନବରଙ୍ଗପୁରରୁ ୧୮ ଜଣ, ନୟାଗଡ଼ରୁ ୬୦ଜଣ, ନୂଆପଡ଼ାରୁ ୦୫ ଜଣ, ପୁରୀରୁ ୧୦୬ ଜଣ, ରାୟଗଡ଼ାରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୩୬ ଜଣ, ସୋନପୁରରୁ ୪ ଜଣ, ସୁନ୍ଦରଗଡ଼ରୁ ୨୫ ଜଣ ଓ ଷ୍ଟେଟ୍ ପୁଲରୁ ୧୧୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଫଳରେ ରାଜ୍ୟରେ ଆଜି କରୋନା ଭାଇରସ୍ ସଂକ୍ରମଣରୁ ୨୩୪୧ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୯ ଲକ୍ଷ ୩୫ ହଜାର ୭ରେ ପହଂଚିଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ ଏଥିରେ ଖୋର୍ଦ୍ଧା ଜିଲ୍ଲାରୁ ୫୭୧ ଜଣ ଓ କଟକ ଜିଲ୍ଲାରୁ ୨୮୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବାଲେଶ୍ୱରରୁ ୧୬୪, ପୁରୀରୁ ୧୪୧, କେନ୍ଦ୍ରାପଡ଼ାରୁ ୧୨୧, ମୟୂରଭଂଜରୁ ୧୦୩, ଯାଜପୁରରୁ ୯୮, ଜଗତସିଂହପୁରରୁ ୭୬, ନୟାଗଡ଼ରୁ ୭୨, ଢେଙ୍କାନାଳରୁ ୭୦ ଓ ଭଦ୍ରକରୁ ୬୫ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି । ସେହିପରି ସୁନ୍ଦରଗଡ଼ରୁ ୬୨, କେନ୍ଦୁଝରରୁ ୫୯, ଅନୁଗୁଳ ଏବଂ ରାୟଗଡ଼ାରୁ ୫୦ ଜଣ ଲେଖାଏଁ, ମାଲକାନଗିରିରୁ ୪୫, ସମ୍ବଲପୁରରୁ ୩୦, ବଲାଙ୍ଗୀରରୁ ୨୪, କୋରାପୁଟରୁ ୨୩, କନ୍ଧମାଳରୁ ୨୧, ଝାରସୁଗୁଡ଼ାରୁ ୧୭, ସୁବର୍ଣ୍ଣପୁରରୁ ୧୪, ବରଗଡ଼, ଗଂଜାମ ଏବଂ କଳାହାଣ୍ଡିରୁ ୧୧ ଜଣ ଲେଖାଏଁ, ନବରଂଗପୁରରୁ ୯, ଦେବଗଡ଼ରୁ ୭, ଗଜପତିରୁ ୬, ବୌଦ୍ଧରୁ ୪, ନୂଆପଡ଼ାରୁ ୩ ଓ ରାଜ୍ୟପୁଲରୁ ୧୧୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ରାଜ୍ୟରେ ୫୬ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୯ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ଏଥିସହିତ ସୁନ୍ଦରଗଡ ଜିଲାରୁ ୮ ଜଣଙ୍କର ମୃତ୍ୟୁ ଘଟିଛି। ସେହିଭଳି ବରଗଡ ଓ ମୟୁରଭଞ୍ଜ ଜିଲାରୁ ୬ ଜଣ ଲେଖାଏଁ ସଂକ୍ରମିତଙ୍କର ପ୍ରାଣହାନି ଘଟିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେନ୍ଦ୍ରାପଡା, କେନ୍ଦୁଝର ଏବଂ ପୁରୀ ଜିଲାରେ ୩ ଜଣ ଲେଖାଏଁ କରୋନା ରୋଗୀଙ୍କର ମୃତ୍ୟୁ ଘଟିଛି। ମାଲକାନଗିରିରୁ ୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ କଟକ, ଦେବଗଡ ଓ ଗଞ୍ଜାମ ଜିଲାରେ ଜଣେ ଲେଖାଏଁ କରୋନା ରୋଗୀଙ୍କର ଜୀବନ ଯାଇଛି। ଏଥିସହିତ ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୫୧୭୨କୁ ବୃଦ୍ଧିପାଇଛି।

# ବେଲଗୁଣ୍ଠାରେ ବାହୁଡାଯାତ୍ରା ସମ୍ପନ୍ନ

ବେଲଗୁଣ୍ଠା (ଭାସ୍କର ନ୍ୟୁଜ୍): ମଙ୍ଗଳବାର ଦିନ ବେଲଗୁଣ୍ଠା ବଡ଼ଦାଣ୍ଡ ଓ ବାଲିଡ଼ି ସାହି ସ୍ଥିତ ମନ୍ଦିରରେ ବିଜେ ଶ୍ରୀ ଜଗନ୍ନାଥ ସ୍ୱାମୀଙ୍କ ବାହୁଡା ରଥଯାତ୍ରା ନିରାଡ଼ମ୍ବରରେ ଅନୁଷ୍ଠିତ ହୋଇ ଯାଇଛି । ବିନା ଭକ୍ତ ଓ ବିନା ରଥରେ ଅନୁଷ୍ଠିତ ଏହି ବାହୁଡା ରଥଯାତ୍ରାରେ କେବଳ ସେବାୟତ ଓ ସେବକ ମାନଙ୍କ ଉପସ୍ଥିତିରେ ନିରାଡ଼ମ୍ବରରେ ଅନୁଷ୍ଠିତ ହିଇଯାଇଛି । ଆଡ଼ପ ମଣ୍ଡପରେ ସମସ୍ତ ରୀତିନୀତ ଅନୁଯାଇ ସୂର୍ଯ୍ୟପୂଜା,ଦୈନିକ ବାଲ ଭୋଗ,ମଧାହ୍ନ ଭୋଗ,ମଙ୍ଗଳାର୍ପଣ ପରେ ଟାହିୟା ଲାଗି କରାଯାଇ ଥିଲା । ପରେ ଦାରୁବ୍ରହ୍ମଙ୍କୁ ପ୍ରତୀକ ରଥରେ ପହଣ୍ଡି ବିଜେ କରାଯାଇଥିଲା । ପ୍ରତୀକ ରଥରେ ପୂଜାର୍ଚ୍ଚନା ପରେ ପ୍ରଭୁ ପଶ୍ଚିମ ମୋଡ଼ ହୋଇ ଅସ୍ଥାୟୀ ଗୃହକୁ ବିରାଜମାନ କରିଛନ୍ତି । ବୁଧୁବାର ଦିନ ନୀଳ ଶୈଳଙ୍କର ସୁନା ବେଶ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଥିବା ବେଳେ ଆସନ୍ତା ଶୁକ୍ରବାର ଦିନ ପ୍ରଭୁ ନୀଳାଦ୍ରି ବିଜେ ହୋଇ ରତ୍ନସିଂହାସନକୁ ଫେରିବାର କାର୍ଯ୍ୟକ୍ରମ ରହିଛି । ଏଣୁ ଶୁକ୍ରବାର ପର୍ଯ୍ୟନ୍ତ ମହାବାହୁ ଅସ୍ଥାୟୀ ଗୃହରେ ବିରାଜମାନ କରିବେ ବୋଲି ମନ୍ଦିର ସେବାୟତଙ୍କ ସୂତ୍ରରୁ ଜଣାପଡ଼ିଛି ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ସହଭାଗୀତାରେ ବର୍ଜ୍ୟରୁ ସମ୍ପଦ ସୃଷ୍ଟି ପାଇଁ ଆହ୍ୱାନ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ବେଦାନ୍ତ ଆଲୁମିନିୟମ ବ୍ୟବସାୟ, ଆଲୁମିନିୟମ ଓ ମୂଲ୍ୟଯୁକ୍ତ ଉତ୍ପାଦର ଭାରତର ଅଗ୍ରଣୀ ଉତ୍ପାଦକ ସ୍ୱଳ୍ପ କାର୍ବନ ସିମେଂଟ ଉତ୍ପାଦନ ପାଇଁ ଏହାର ଉପ ଉତ୍ପାଦ ବ୍ୟବହାର କରିବା ପାଇଁ ସିମେଂଟ ଉତ୍ପାଦକଙ୍କ ସହଭାଗୀତାକୁ ଆମନ୍ତ୍ରଣ କରିଛି । ସିମେଂଟ ଶିଳ୍ପରେ ଫ୍ଲାଏ ଆଶ (ତାପଜ ଉତ୍ପାଦନର ଏକ ଉପ ପଦାର୍ଥ) ଏବଂ ବକ୍ସାଇଟ ଅବଶିଷ୍ଟାଂଶ (ବକ୍ସାଇଟରୁ ଆଲୁମିନା ଉତ୍ପାଦନର ଏକ ଉପ ଦ୍ରବ୍ୟ) ବ୍ୟବହାର କରିବାର ସୁଯୋଗ ଉପରେ ସିମେଂଟ ଉଦ୍ୟୋଗ ସଂସ୍ଥା ଗୁଡ଼ିକ ସହ ଏକ ଦୀର୍ଘ ମିଆଦି ସହଯୋଗ ଲାଗି କମ୍ପାନି ଆଗ୍ରହ ପ୍ରକାଶ କରିଛି । ଏଥିପାଇଁ ବିଶ୍ୱ ସ୍ତରରେ ବିଶେଷଜ୍ଞମାନଙ୍କର ଏକ କର୍ମଶାଳା ଆୟୋଜିତ ହୋଇଥିଲା । ସିମେଂଟ ଉଦ୍ୟୋଗ ଯାହାକି ଅଧିକ ସ୍ଥାୟୀ ଭାବରେ ସିମେଂଟ ଉତ୍ପାଦନ ଲାଗି କାର୍ଯ୍ୟକ୍ଷମ ସମାଧାନ ପନ୍ଥା ଅନୁସନ୍ଧାନ କରୁଛି ଏଥିପାଇଁ ବେଦାନ୍ତ ଆଲୁମିନିୟମ ଏକ ଉପଯୁକ୍ତ ଅର୍ଥନୀତି ଭାଗିଦାର ହୋଇ ପାରିବ । ଫ୍ଲାଏ ଆଶ ଓ ବକ୍ସାଇଟ ବଳକା ପଦାର୍ଥ ଏହି ଦୁଇଗୋଟି ବହୁ ମୂଲ୍ୟଯୁକ୍ତ ଉତ୍ପାଦ ଯାହାକୁ ସିମେଂଟ ଓ କଂକ୍ରିଟ ତିଆରି ପାଇଁ ବ୍ୟବହାର କରାଯାଇ ପାରିବ । ସିମେଂଟ ଉତ୍ପାଦକଙ୍କୁ ଗୁଣମାନର ଉତ୍ପାଦ ପ୍ରସ୍ତୁତ କରିବାରେ ଓ ମୂଲ୍ୟ ଉପଯୋଗୀତା ପ୍ରଦାନ କରିବାରେ ସହାୟକ ହେବ । ୱେବିନାରରେ ଯୋଗ ଦେଇ ଶ୍ରୀ ରାହୁଲ ଶର୍ମା, ସିଇଓ- ବେଦାନ୍ତ ଆଲୁମିନିୟମ ବିଜିନେସ କହିଥିଲେଯେ ଆମେ ଦୃଢ ଭାବରେ ବିଶ୍ୱାସ କରୁଯେ ପ୍ରକୃତରେ ସ୍ଥାୟୀ ହେବା ପାଇଁ ଶିଳ୍ପ ଗୁଡ଼ିକ ବର୍ଜ୍ୟ ବସ୍ତୁରୁ ସଂପଦ ସୃଷ୍ଟି କରିବା ଆବଶ୍ୟକ । ବେଦାନ୍ତରେ ଆମେ ଏ ଦିଗରେ ଉତ୍ସାହଜନକ ଅଗ୍ରଗତି କରିଛୁ ଓଏହାକୁ ଆଗକୁ ନେବାକୁ ଚାହୁଁଛୁ । ଦୀର୍ଘକାଳୀନ ରଣନୀତି ଭାବରେ ବେଦାନ୍ତ ଓ ଭାରତର ପ୍ରମୁଖ ସିମେଂଟ ଉତ୍ପାଦକଙ୍କ ମଧ୍ୟରେ କେବଳ ଶିଳ୍ପ ବର୍ଜ୍ୟବସ୍ତୁକୁ ସିଷ୍ଟମରୁ ବାଦ ଦେବ ନାହିଁ ବରଂ ଏହାକୁ ଉପଯୋଗ କରାଯାଇ ସିମେଂଟ ଉତ୍ପାଦନ ପାଇଁ ବ୍ୟବହାର ଯୋଗ୍ୟ କରାଯାଇ ପାରିବ । ଆମେ ଆଶା କରୁଛୁ ଭାରତୀୟ ସିମେଂଟ ଉତ୍ପାଦକମାନେ ଏହି ଅଭିନବ ସମାଧାନ ପାଇଁ ଆମ ସହ ସହଯୋଗ କରିବାକୁ ଆଗେଇ ଆସିବେ, ଯାହା ଶିଳ୍ପ ଓ ପରିବେଶ ପାଇଁ ଉପଯୋଗୀ ହୋଇ ପାରିବ । ଶ୍ରୀ ଶ୍ରୀଷ ଖାଡିକର କହିଥିଲେଯେ ବକ୍ସାଇଟ ଅବଶିଷ୍ଟାଂଶରେ ସିମେଂଟ ଉତ୍ପାଦନ ଲାଗି ଯଥେଷ୍ଟ ସୁବିଧା ଅଛି, ଯେପରିକି ଲାଟେରାଇଟ/ ବକ୍ସାଇଟ ସହିତ କମ ସିଲିକା, ଅଧିକ କ୍ଷାରୀୟ ପଦାର୍ଥ ଏବଂ ସୂକ୍ଷ୍ମ କଣିକା, ଯାହା ଗ୍ରାଇଣ୍ଡିଂ ମୂଲ୍ୟ ହ୍ରାସ କରିଥାଏ । ଗୁଣବତା ଓ ସ୍ଥାୟୀତ୍ୱ ଲାଭ ପାଇବା ଲାଗି ଭାରତୀୟ ସିମେଂଟ ଉଦ୍ୟୋଗ ଏହି ଅଭିନବ ସୁଯୋଗକୁ ଉପଯୋଗ କରିବା ଉଚିତ । ଅର୍ଥନୈତିକ ଦୃଷ୍ଟିରୁ ଆଥିକ ବର୍ଷ ୨୧ରେ ବେଦାନ୍ତ ଆଲୁମିନିୟମ ଭାରତର ବିଭିନ୍ନ ସିମେଂଟ କାରଖାନାକୁ ୩ ଲକ୍ଷ ମେଟ୍ରିକ ଟନ ଫ୍ଲାଏ ଆଶ ଯୋଗାଇଥିଲା । ଫେବ୍ରୁଆରୀ ୨୧ ଠାରୁ କଂପାନି ସିମେଂଟ ଉତ୍ପାଦକମାନଙ୍କୁ ୩୦୦୦୦ ମେଟ୍ରିକ ଟନ ବକ୍ସାଇଟ ଅବଶିଷ୍ଟାଂଶ ଯୋଗାଇ ଦେଇଛି । ବେଦାନ୍ତ ଆଲୁମିନିୟମ ବିଜିନେସ ହେଉଛି ବେଦାନ୍ତ ଲିମିଟେଡ଼ର ଏକ ଅଂଶ ଯିଏକି ଭାରତର ଅଗ୍ରଣୀ ଆଲୁମିନିୟମ ନିର୍ମାତା ପ୍ରାୟତଃ ଏହା ଭାରତର ଅର୍ଦ୍ଧେକ ଆଲୁମିନିୟମ ଉତ୍ପାଦନକାରୀ ଯିଏକି ଅଶତିକ ବର୍ଷ ୨୧ରେ ୧.୯୬ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ କରିଥିବା ସଂସ୍ଥା । ଏହା ମଧ୍ୟ ଦେଶର ସର୍ବବୃହତ ଘରୋଇ ଶକ୍ତି ଉତ୍ପାଦନକାରୀ ସଂସ୍ଥା ମଧ୍ୟରୁ ଅନ୍ୟତମ । ବେଦାନ୍ତ ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦ ନିର୍ମାଣ କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିବା ସହ ଔଦ୍ୟୋଗିକ କ୍ଷେତ୍ରରେ ସର୍ବବୃହତ ଜ୍ଞାନକୌଶଳକୁ ଆପଣାଇ ବିଶ୍ୱ ଶ୍ରେଣୀୟ ସ୍ମେଲ୍ଟର, ପାୱାର ପ୍ଲାଂଟ ଓ ଆଲୁମିନା ରିଫାଇନାରୀ କାର୍ଯ୍ୟ କରୁଛି । ଭବିଷ୍ୟତ ପାଇଁ ମେଟାଲ ଅଫ୍ ଦି ଫ୍ୟୁଚର ଭାବରେ ଆଲୁମିନିୟମର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ କମ୍ପାନୀ ତାର ପୂରଣ କରୁଛି ।

**ଇ-ନିଲାମ ପାଇଁ ସର୍ବସାଧାରଣ ଘୋଷଣା**
**ପେଟ୍ରୋନ୍ ଇଞ୍ଜିନିୟରିଂ କନଷ୍ଟ୍ରକ୍ସନ୍ ଲିମିଟେଡ୍**
**(ଇନସଲଭାନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଲିକ୍ୟୁଡେସନ ପ୍ରୋସେସ୍) ରେଗୁଲେସନ୍ସ, ୨୦୧୬ର ରେଗୁଲେସନ୍ସ ୩୨ ଓ ୩୩ ଅଧୀନରେ)**

ଏହି ନୋଟିସ ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ପେଟ୍ରୋନ୍ ଇଞ୍ଜିନିୟରିଂ କନଷ୍ଟ୍ରକ୍ସନ ଲିମିଟେଡ୍- ଇନ ଲିକ୍ୟୁଡେସନ ("କର୍ପୋରେଟ୍ ଡେବ୍‌ଟର୍")ର ଲିକ୍ୟୁଡେଟର ଇ-ନିଲାମ ପାଇଁ ନିଲାମଧାରୀଙ୍କଠାରୁ ଆବେଦନପତ୍ର ଆହ୍ୱାନ କରୁଛନ୍ତି । କର୍ପୋରେଟ ଋଣଗ୍ରହୀତାର ଅଧିଗ୍ରହଣ ନିମ୍ନ ଟେବୁଲରେ ଦର୍ଶାଯାଇଥିବା ବିବରଣୀ ଅନୁସାରେ କରାଯିବ । ଇ-ନିଲାମ ପ୍ରକ୍ରିୟା ଅନ୍‌ଲାଇନ୍ ଇ-ନିଲାମ ଏଜେନ୍ସି, ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନଲୋଜିସ୍ ଲିମିଟେଡ୍ ଭାୟା-ୱେବସାଇଟ୍ https://ncltauction.auctiontiger.net ମାଧ୍ୟମରେ ଶନିବାର, ୧୧.୦୯.୨୦୨୧ କିମ୍ବା ଅନ୍ୟକୌଣସି ପରବର୍ତ୍ତୀ ତାରିଖରେ ଯାହା ଲିକ୍ୟୁଡେଟରଙ୍କ ଦ୍ୱାରା ନିଲାମଧାରୀଙ୍କୁ ଅବଗତ କରାଯିବ,ସେହିଦିନ କରାଯିବ ।

**ରେଲେଭାଣ୍ଟ ବିବରଣୀ**

| | | |
|---|---|---|
| ୧. | କର୍ପୋରେଟ୍ ଋଣଗ୍ରହୀତାଙ୍କ ନାମ | ପେଟ୍ରୋନ୍ ଇଞ୍ଜିନିୟରିଂ କନଷ୍ଟ୍ରକ୍ସନ୍ ଲିମିଟେଡ୍ |
| ୨. | କର୍ପୋରେଟ୍ ଋଣଗ୍ରହୀତାଙ୍କ ଇନ୍‌କର୍ପୋରେସନ ତାରିଖ | ୧୯.୦୭.୧୯୭୬ |
| ୩. | କର୍ପୋରେଟ୍ ଋଣଗ୍ରହୀତା ଇନକର୍ପୋରେଟେଡ୍/ ପଞ୍ଜିକୃତ ହୋଇଥିବା ଅଧିକାରୀ | ରେଜିଷ୍ଟ୍ରାର ଅଫ୍ କମ୍ପାନୀଜ୍, ମୁମ୍ବାଇ(ମହାରାଷ୍ଟ୍ର) |
| ୪. | କର୍ପୋରେଟ୍ ଋଣଗ୍ରହୀତାଙ୍କ କର୍ପୋରେଟ୍ ଆଇଡେଣ୍ଟି ନଂ | ଏଲ୍୪୫୨୦୨ଏମ୍ଏଚ୍୧୯୭୬ପିଏଲ୍‌ସି୦୧୯୧୩୫ |
| ୫. | କର୍ପୋରେଟ୍ ଋଣଗ୍ରହୀତାଙ୍କ ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା | ସ୍ୱସ୍ତିକ ଚାମ୍ବର୍ସ, ଷଷ୍ଠ ତାଲା, ସିଅନ୍ ଟ୍ରୋମ୍ବେରୋଡ୍, ଚେମ୍ବୁର ମୁମ୍ବାଇ-୪୦୦୦୭୧, ମହାରାଷ୍ଟ୍ର |
| ୬. | କର୍ପୋରେଟ୍ ଋଣଗ୍ରହୀତାଙ୍କ ଲିକ୍ୟୁଡେସନ କମେନ୍ସମେଣ୍ଟ ତାରିଖ | ୦୫.୦୨.୨୦୨୦<br>(ସମ୍ମାନୀୟ ଆଡଜୁଡିକେଟିଂ ଅଥରିଟିଙ୍କ ତରଫରୁ ୨୩.୦୧.୨୦୨୦ରେ ଜାରି ନିର୍ଦ୍ଦେଶନାମା ବଳରେ ଏହାର ଏକ କପି ସମ୍ମାନୀୟ ଏନସିଏଲଟିଙ୍କ ୱେବସାଇଟ୍‌ରେ ୦୫.୦୨.୨୦୨୦ରୁ ଉପଲବ୍ଧ ଅଛି । |
| ୭. | ଲିକ୍ୟୁଡେଟରଙ୍କ ନାମ,ଠିକଣା,ଇମେଲ୍ ଠିକଣା ଏବଂ ପଞ୍ଜିକରଣ ନମ୍ବର | ସିଏସ୍ ଭିନୀତ କେ ଚୌଧୁରୀ<br>ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୧୦୩/ ୨୦୧୭-୧୮/୧୦୨୪୬<br>ପ୍ରୋସେସ୍ ସ୍ପେସିଫିକ୍ ଇ-ମେଲ ଆଇଡି : liquidatorPECL@vkcindia.com<br>ଆଇବିବିଆଇରେ ପଞ୍ଜିକୃତ ଇ-ମେଲ ଆଇଡି : ip.vineetchaudhary@gmail.com<br>ଡି-୩୮,ଏଲଜିଏଫ(ଏଲ/ଏସ୍),ସାଉଥ୍ ଏକ୍ସଟେନ୍‌ସନ, ପାର୍ଟ-୨,ନୂଆଦିଲ୍ଲୀ-୧୧୦୦୪୯ |
| ୮. | ଇ-ନିଲାମ ତାରିଖ ଏବଂ ସମୟ | ନିଲାମ ଆରମ୍ଭ ତାରିଖ ଏବଂ ସମୟ: ୧୧.୦୯.୨୦୨୧ ପୂର୍ବାହ୍ନ ୧୧ଟା<br>ନିଲାମ ଶେଷ ତାରିଖ ଏବଂ ସମୟ: ୧୧.୦୯.୨୦୨୧ ଅପରାହ୍ନ ୫ଟା |
| ୯. | ନିଲାମ ପ୍ଲାଟଫର୍ମ ବିବରଣୀ | https://ncltauction.auctiontiger.net |
| ୧୦. | ଡକ୍ୟୁମେଣ୍ଟ ହାସଲ ପ୍ରକ୍ରିୟା | ଇ-ନିଲାମ ପ୍ରକ୍ରିୟାର ସମ୍ପୂର୍ଣ୍ଣ ସର୍ତ୍ତ ଓ ନିୟମାବଳୀ ପ୍ରୋସେସ୍ ଡକ୍ୟୁମେଣ୍ଟରେ ରହିଛି । ଏହାକୁ ନିଲାମଧାରୀ କର୍ପୋରେଟ୍ ଋଣଗ୍ରହୀତାଙ୍କ ୱେବସାଇଟ୍ http://www.petronengineering.com ରୁ କିମ୍ବା liquidatorPECL@vkcindia.com କୁ ଇ-ମେଲ୍ ଜରିଆରେ ଅନୁରୋଧ କରି ହାସଲ କରିପାରିବେ । |
| ୧୧. | ଇଓଆଇ କିମ୍ବା ନିଲାମ ଆବେଦନପତ୍ର ଦାଖଲ କରିବାର ଧାରା | ଇ-ନିଲାମ ପ୍ରକ୍ରିୟା ମାଧ୍ୟମରେ ବିଡିଂ ଅନୁଷ୍ଠିତ ହେବ । ଇ-ନିଲାମର ଧାରା ପ୍ରୋସେସ୍ ଡକ୍ୟୁମେଣ୍ଟ କର୍ପୋରେଟ ଋଣଗ୍ରହୀତାଙ୍କ ୱେବସାଇଟ୍‌ରେ ଦର୍ଶାଯାଇଛି । ଏହାକୁ liquidatorPECL@vkcindia.comକୁ ଇ-ମେଲ୍ ଜରିଆରେ ଅନୁରୋଧ କରି ମଧ୍ୟ ହାସଲ କରିହେବ । |
| ୧୨. | ବିକ୍ରୟ ପ୍ରକ୍ରିୟା | ଖୋଲା ଇ-ନିଲାମ ପ୍ରକ୍ରିୟାରେ ବିକ୍ରୟ କରାଯିବ । ଏଠାରେ ବିଡରମାନେ ସସର୍ବାଧିକ ବିଡ୍‌କୁ ଓପନୱିଣ୍ଡୋ ମାଧ୍ୟମରେ ଦେଖିପାରିବେ । |
| ୧୩. | ଟାଇମ୍‌ଲାଇନ୍ ଏବଂ ଇଏମ୍‌ଡି ସହ ଆବଶ୍ୟକ ଯୋଗ୍ୟତା ଏବଂ ଅନ୍ୟ ବିବରଣୀ | କର୍ପେରେଟେ ଋଣଗ୍ରହୀତାଙ୍କ ୱେବସାଇଟ୍‌ରେ ଅପ୍‌ଲୋଡ୍ କରା ଯାଇଥିବା କିମ୍ବା liquidatorPECL@vkcindia.com କୁ ଇ-ମେଲ୍ ଜରିଆରେ ଅନୁରୋଧ କରି ମଧ୍ୟ ହାସଲ କରାଯାଇଥିବା ପ୍ରୋସେସ ଡକ୍ୟୁମେଣ୍ଟ ଅନୁସାରେ । |
| ୧୪. | ରିଜର୍ଭ ମୂଲ୍ୟ ଏବଂ ବିଡ୍ ଇନକ୍ରିମେଣ୍ଟାଲ ମୂଲ୍ୟ | ଆଇଏନ୍‌ଆର ୧୨୧ କୋଟି;<br>ବିଡ୍ ଇନକ୍ରିମେଣ୍ଟ ଟ.୧.୫୦କୋଟିର ମଲ୍ଟିପୁଲ ହେବା ଉଚିତ |

ଏଠାରେ ଦର୍ଶାଯାଇଥିବା କୌଣସି ତଥ୍ୟ ବାଇଣ୍ଡିଂ ଅଫର ହେବ ନାହିଁ କିମ୍ବା କର୍ପୋରେଟ୍ ଋଣଗ୍ରହୀତାଙ୍କ ସଂପୂର୍ଣ୍ଣ ଅଧିଗ୍ରହଣ ପାଇଁ କମିଟମେଣ୍ଟ ହେବ ନାହିଁ । କର୍ପୋରେଟ ଋଣଗ୍ରହୀତାଙ୍କ ସଂପୂର୍ଣ୍ଣ ଅଧିଗ୍ରହଣ ଏକ ନିର୍ଦ୍ଧାରିତ ପ୍ରକ୍ରିୟା 'ଯେଉଁଠାରେ', 'ଯାହା', 'ଯେଉଁପରି', ଏବଂ ଅନ୍ୟ କୌଣସି କାରଣ ନ ଦର୍ଶାଇ ଅନୁଷ୍ଠିତ ହେବ । ଏହି ପ୍ରକ୍ରିୟା କର୍ପୋରେଟ୍ ଋଣଗ୍ରହୀତା କିମ୍ବା ଲିକ୍ୟୁଡେଟରଙ୍କ ବିନା ୱାରେଣ୍ଟିରେ କରାଯିବ । ଇ-ନିଲାମ ପ୍ରକ୍ରିୟା ଇନସଲଭାନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଲିକ୍ୟୁଡେସନ ପ୍ରୋସେସ୍) ରେଗୁଲେନ୍ସ ୨୦୧୬ ଅନୁସାରେ କରାଯିବ । ଆଶାୟୀ ବିଡରମାନେ କର୍ପୋରେଟ ଋଣଗ୍ରହୀତାର ସମଗ୍ର ଅଧିଗ୍ରହଣ କିମ୍ବା ଏହାର ଅଂଶଧାରଣ କରିବେ ତାହା ଲିକ୍ୟୁଡେଟରଙ୍କ ଦ୍ୱାରା ସ୍ଥିର କରାଯିବ । ଏ କ୍ଷେତ୍ରରେ ଆଶାୟୀ ବିଡରଙ୍କ କ୍ରେଡେନ୍ସିଆଲ ଏବଂ ପ୍ରୋସେସ୍ ଡକ୍ୟୁମେଣ୍ଟରେ ଦର୍ଶାଯାଇଥିବା ସର୍ତ୍ତ ଓ ନିୟମାବଳୀକୁ ଅନୁସରଣ କରାଯିବ । ଏହି ସର୍ବସାଧାରଣ ସୂଚନା ଇନସଲଭାନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ ୨୦୧୬ ("କୋଡ୍")ର ଅଧିନିୟମ ଅନୁସାରେ କରାଯାଉଛି । ଲିକ୍ୟୁଡେଟରଙ୍କ ନିକଟରେ ଏହି ନୋଟିସରେ ପରିବର୍ତ୍ତନ କରିବାର ଅଧିକାର ରହିଛି । ସେ କୌଣସି କାରଣ ନ ଦର୍ଶାଇ ଏପରି କରିପାରିବେ । ଯଦି ଆବେଦନପତ୍ର କ୍ଷେତ୍ରରେ ଏପରି କିଛି ପରିବର୍ତ୍ତନ କରାଯାଏ ତେବେ ତାହା କର୍ପୋରେଟ ଋଣଗ୍ରହୀତାଙ୍କ ୱେବସାଇଟ୍ http://www.petronengineering.com. ରେ ଦର୍ଶାଯିବ ।

ଅଧିକ ସୂଚନା କିମ୍ବା କ୍ଲାରିଫିକେସନ ପାଇଁ ଆପଣ ଦୟାକରି ଲିକ୍ୟୁଡେଟରଙ୍କୁ ୦୧୧-୪୯୧୨୧୬୪୪-୪୫ କିମ୍ବା ତାଙ୍କ ଟିମ୍ ସଦସ୍ୟଙ୍କୁ ସିଏସ୍ ଲୋଭ୍‌ପେସ୍ ବାତ୍ରାଙ୍କୁ +୯୧ ୮୩୯୮୯-୯୪୫୪୭ରେ ଯୋଗାଯୋଗ କରିପାରିବେ ।

**ପେଟ୍ରୋନ ଇଞ୍ଜିନିୟରିଂ କନଷ୍ଟ୍ରକ୍ସନ ଲିମିଟେଡ୍ ପାଇଁ**
**ସ୍ୱା/-**
**ସିଏସ୍ ଭିନୀତ କେ ଚୌଧୁରୀ**
**ଲିକ୍ୟୁଡେଟର**
**ପେଟ୍ରୋନ ଇଞ୍ଜିନିୟରିଂ କନଷ୍ଟ୍ରକ୍ସନ ଲିମିଟେଡ୍ ମାମଲାରେ**
ଆଇବିବିଆଇ ପଞ୍ଜିକରଣ ନମ୍ବର : ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୧୦୩/ ୨୦୧୭-୧୮/୧୦୨୪୬
**iquidatorPECL@vkcindia.com** (ପ୍ରୋସେସ୍ ସ୍ପେସିଫିକ)
**ip.vineetchaudhary@gmail.com** (ଆଇବିବିଆଇରେ ପଞ୍ଜିକୃତ)
ଆଇବିବିଆଇରେ ପଞ୍ଜିକୃତ ଲିକ୍ୟୁଡେଟରଙ୍କ ଠିକଣା
ଡି-୩୮,ଏଲଜିଏଫ(ଏଲ/ଏସ୍),ସାଉଥ୍ ଏକ୍ସଟେନ୍‌ସନ, ପାର୍ଟ-୨,ନୂଆଦିଲ୍ଲୀ-୧୧୦୦୪୯
**ତାରିଖ : ୨୧.୦୭. ୨୦୨୧**
**ସ୍ଥାନ : ନୂଆଦିଲ୍ଲୀ**

**ଇ-ନିଲାମ ପାଇଁ ସର୍ବସାଧାରଣ ଘୋଷଣା**
**କେଏସ୍‌ଏସ୍ ପେଟ୍ରୋନ୍ ପ୍ରାଇଭେଟ୍ ଲିମିଟେଡ୍**
**(ଇନସଲଭାନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଲିକ୍ୟୁଡେସନ ପ୍ରୋସେସ୍) ରେଗୁଲେସନ୍ସ, ୨୦୧୬ର ରେଗୁଲେସନ୍ସ ୩୨ ଓ ୩୩ ଅଧୀନରେ)**

ଏହି ନୋଟିସ ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ କେଏସ୍‌ଏସ୍ ପେଟ୍ରୋନ୍ ପ୍ରାଇଭେଟ୍ ଲିମିଟେଡ୍-ଇନ୍ ଲିକ୍ୟୁଡେସନ ("କର୍ପୋରେଟ୍ ଡେବ୍‌ଟର")ର ଲିକ୍ୟୁଡେଟର ଇ-ନିଲାମ ପାଇଁ ନିଲାମଧାରୀଙ୍କଠାରୁ ଆବେଦନପତ୍ର ଆହ୍ୱାନ କରୁଛନ୍ତି । କର୍ପୋରେଟ ଋଣଗ୍ରହୀତାର ଅଧିଗ୍ରହଣ ନିମ୍ନ ଟେବୁଲରେ ଦର୍ଶାଯାଇଥିବା ବିବରଣୀ ଅନୁସାରେ କରାଯିବ । ଇ-ନିଲାମ ପ୍ରକ୍ରିୟା ଅନ୍‌ଲାଇନ୍ ଇ-ନିଲାମ ଏଜେନ୍ସି, ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନଲୋଜିସ୍ ଲିମିଟେଡ୍ ଭାୟା-ୱେବସାଇଟ୍ https://ncltauction.auctiontiger.net ମାଧ୍ୟମରେ ଶନିବାର, ୧୧.୦୯.୨୦୨୧ କିମ୍ବା ଅନ୍ୟକୌଣସି ପରବର୍ତ୍ତୀ ତାରିଖରେ ଯାହା ଲିକ୍ୟୁଡେଟରଙ୍କ ଦ୍ୱାରା ନିଲାମଧାରୀଙ୍କୁ ଅବଗତ କରାଯିବ,ସେହିଦିନ କରାଯିବ ।

**ରେଲେଭାଣ୍ଟ ବିବରଣୀ**

| | | |
|---|---|---|
| ୧. | କର୍ପୋରେଟ୍ ଋଣଗ୍ରହୀତାଙ୍କ ନାମ | କେଏସ୍‌ଏସ୍ ପେଟ୍ରୋନ୍ ପ୍ରାଇଭେଟ୍ ଲିମିଟେଡ୍ |
| ୨. | କର୍ପୋରେଟ୍ ଋଣଗ୍ରହୀତାଙ୍କ ଇନ୍‌କର୍ପୋରେସନ ତାରିଖ | ୧୯.୦୭.୨୦୦୭ |
| ୩. | କର୍ପୋରେଟ୍ ଋଣଗ୍ରହୀତା ଇନକର୍ପୋରେଟେଡ୍/ ପଞ୍ଜିକୃତ ହୋଇଥିବା ଅଧିକାରୀ | ରେଜିଷ୍ଟ୍ରାର ଅଫ୍ କମ୍ପାନୀଜ୍, ମୁମ୍ବାଇ(ମହାରାଷ୍ଟ୍ର) |
| ୪. | କର୍ପୋରେଟ୍ ଋଣଗ୍ରହୀତାଙ୍କ କର୍ପୋରେଟ୍ ଆଇଡେଣ୍ଟି ନଂ | ୟୁ୪୫୪୦୦ଏମ୍ଏଚ୍୨୦୦୭ପିଟିସି୨୩୪୨୯୭ |
| ୫. | କର୍ପୋରେଟ୍ ଋଣଗ୍ରହୀତାଙ୍କ ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା | ସ୍ୱସ୍ତିକ ଚାମ୍ବର୍ସ, ଷଷ୍ଠ ତାଲା, ସିଅନ୍ ଟ୍ରୋମ୍ବେରୋଡ୍, ଚେମ୍ବୁର ମୁମ୍ବାଇ-୪୦୦୦୭୧, ମହାରାଷ୍ଟ୍ର |
| ୬. | କର୍ପୋରେଟ୍ ଋଣଗ୍ରହୀତାଙ୍କ ଲିକ୍ୟୁଡେସନ କମେନ୍ସମେଣ୍ଟ ତାରିଖ | ୨୭.୦୧୨.୨୦୧୯ |
| ୭. | ଲିକ୍ୟୁଡେଟରଙ୍କ ନାମ,ଠିକଣା,ଇମେଲ୍ ଠିକଣା ଏବଂ ପଞ୍ଜିକରଣ ନମ୍ବର | ସିଏସ୍ ଭିନୀତ କେ ଚୌଧୁରୀ<br>ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୧୦୩/ ୨୦୧୭-୧୮/୧୦୨୪୬<br>ପ୍ରୋସେସ୍ ସ୍ପେସିଫିକ୍ ଇ-ମେଲ ଆଇଡି : liquidatorksspetron@vkcindia.com<br>ଆଇବିବିଆଇରେ ପଞ୍ଜିକୃତ ଇ-ମେଲ ଆଇଡି : ip.vineetchaudhary@gmail.com<br>ଡି-୩୮,ଏଲଜିଏଫ(ଏଲ/ଏସ୍),ସାଉଥ୍ ଏକ୍ସଟେନ୍‌ସନ, ପାର୍ଟ-୨,ନୂଆଦିଲ୍ଲୀ-୧୧୦୦୪୯ |
| ୮. | ଇ-ନିଲାମ ତାରିଖ ଏବଂ ସମୟ | ନିଲାମ ଆରମ୍ଭ ତାରିଖ ଏବଂ ସମୟ: ୧୧.୦୯.୨୦୨୧ ପୂର୍ବାହ୍ନ ୧୧ଟା<br>ନିଲାମ ଶେଷ ତାରିଖ ଏବଂ ସମୟ: ୧୧.୦୯.୨୦୨୧ ଅପରାହ୍ନ ୫ଟା |
| ୯. | ନିଲାମ ପ୍ଲାଟଫର୍ମ ବିବରଣୀ | https://ncltauction.auctiontiger.net |
| ୧୦. | ଡକ୍ୟୁମେଣ୍ଟ ହାସଲ ପ୍ରକ୍ରିୟା | ଇ-ନିଲାମ ପ୍ରକ୍ରିୟାର ସମ୍ପୂର୍ଣ୍ଣ ସର୍ତ୍ତ ଓ ନିୟମାବଳୀ ପ୍ରୋସେସ୍ ଡକ୍ୟୁମେଣ୍ଟରେ ରହିଛି । ଏହାକୁ ନଲାମଧାରୀ କର୍ପୋରେଟ୍ ଋଣଗ୍ରହୀତାଙ୍କ ୱେବସାଇଟ୍ https://www.ksspetron.in ରୁ କିମ୍ବା liquidatorksspetron@vkcindia.com କୁ ଇ-ମେଲ୍ ଜରିଆରେ ଅନୁରୋଧ କରି ହାସଲ କରିପାରିବେ । |
| ୧୧. | ଇଓଆଇ କିମ୍ବା ନିଲାମ ଆବେଦନପତ୍ର ଦାଖଲ କରିବାର ଧାରା | ଇ-ନିଲାମ ପ୍ରକ୍ରିୟା ମାଧ୍ୟମରେ ବିଡିଂ ଅନୁଷ୍ଠିତ ହେବ । ଇ-ନିଲାମର ଧାରା ପ୍ରୋସେସ୍ ଡକ୍ୟୁମେଣ୍ଟ କର୍ପୋରେଟ ଋଣଗ୍ରହୀତାଙ୍କ ୱେବସାଇଟ୍‌ରେ ଦର୍ଶାଯାଇଛି । ଏହାକୁ liquidatorksspetron@vkcindia.com କୁ ଇ-ମେଲ୍ ଜରିଆରେ ଅନୁରୋଧ କରି ମଧ୍ୟ ହାସଲ କରିହେବ । |
| ୧୨. | ବିକ୍ରୟ ପ୍ରକ୍ରିୟା | ଖୋଲା ଇ-ନିଲାମ ପ୍ରକ୍ରିୟାରେ ବିକ୍ରୟ କରାଯିବ । ଏଠାରେ ବିଡରମାନେ ସର୍ବାଧିକ ବିଡ୍‌କୁ ଓପନ ୱିଣ୍ଡୋ ମାଧ୍ୟମରେ ଦେଖିପାରିବେ । |
| ୧୩. | ଟାଇମ୍‌ଲାଇନ୍ ଏବଂ ଇଏମ୍‌ଡି ସହ ଆବଶ୍ୟକ ଯୋଗ୍ୟତା ଏବଂ ଅନ୍ୟ ବିବରଣୀ | କର୍ପେରେଟେ ଋଣଗ୍ରହୀତାଙ୍କ ୱେବସାଇଟ୍‌ରେ ଅପ୍‌ଲୋଡ୍ କରା ଯାଇଥିବା କିମ୍ବା liquidatorksspetron@vkcindia.com କୁ ଇ-ମେଲ୍ ଜରିଆରେ ଅନୁରୋଧ କରି ମଧ୍ୟ ହାସଲ କରାଯାଇଥିବା ପ୍ରୋସେସ ଡକ୍ୟୁମେଣ୍ଟ ଅନୁସାରେ । |
| ୧୪. | ରିଜର୍ଭ ମୂଲ୍ୟ ଏବଂ ବିଡ୍ ଇନକ୍ରିମେଣ୍ଟାଲ ମୂଲ୍ୟ | ଆଇଏନ୍‌ଆର ୯୦ କୋଟି;<br>ବିଡ୍ ଇନକ୍ରିମେଣ୍ଟ ଟ.୧.୫୦କୋଟିର ମଲ୍ଟିପୁଲ ହେବା ଉଚିତ |

ଏଠାରେ ଦର୍ଶାଯାଇଥିବା କୌଣସି ତଥ୍ୟ ବାଇଣ୍ଡିଂ ଅଫର ହେବ ନାହିଁ କିମ୍ବା କର୍ପୋରେଟ୍ ଋଣଗ୍ରହୀତାଙ୍କ ସଂପୂର୍ଣ୍ଣ ଅଧିଗ୍ରହଣ ପାଇଁ କମିଟମେଣ୍ଟ ହେବ ନାହିଁ ।

କର୍ପୋରେଟ ଋଣଗ୍ରହୀତାଙ୍କ ସଂପୂର୍ଣ୍ଣ ଅଧିଗ୍ରହଣ ଏକ ନିର୍ଦ୍ଧାରିତ ପ୍ରକ୍ରିୟା 'ଯେଉଁଠାରେ', 'ଯାହା', 'ଯେଉଁପରି', ଏବଂ ଅନ୍ୟ କୌଣସି କାରଣ ନ ଦର୍ଶାଇ ଅନୁଷ୍ଠିତ ହେବ । ଏହି ପ୍ରକ୍ରିୟା କର୍ପୋରେଟ୍ ଋଣଗ୍ରହୀତା କିମ୍ବା ଲିକ୍ୟୁଡେଟରଙ୍କ ବିନା ୱାରେଣ୍ଟିରେ କରାଯିବ । ଇ-ନିଲାମ ପ୍ରକ୍ରିୟା ଇନସଲଭାନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଲିକ୍ୟୁଡେସନ ପ୍ରୋସେସ୍) ରେଗୁଲେନ୍ସ ୨୦୧୬ ଅନୁସାରେ କରାଯିବ । ଆଶାୟୀ ବିଡରମାନେ କର୍ପୋରେଟ ଋଣଗ୍ରହୀତାର ସମଗ୍ର ଅଧିଗ୍ରହଣ କିମ୍ବା ଏହାର ଅଂଶଧାରଣ କରିବେ ତାହା ଲିକ୍ୟୁଡେଟରଙ୍କ ଦ୍ୱାରା ସ୍ଥିର କରାଯିବ । ଏ କ୍ଷେତ୍ରରେ ଆଶାୟୀ ବିଡରଙ୍କ କ୍ରେଡେନ୍ସିଆଲ ଏବଂ ପ୍ରୋସେସ୍ ଡକ୍ୟୁମେଣ୍ଟରେ ଦର୍ଶାଯାଇଥିବା ସର୍ତ୍ତ ଓ ନିୟମାବଳୀକୁ ଅନୁସରଣ କରାଯିବ । ଏହି ସର୍ବସାଧାରଣ ସୂଚନା ଇନସଲଭାନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ ୨୦୧୬ ("କୋଡ୍")ର ଅଧିନିୟମ ଅନୁସାରେ କରାଯାଉଛି । ଲିକ୍ୟୁଡେଟରଙ୍କ ନିକଟରେ ଏହି ନୋଟିସରେ ପରିବର୍ତ୍ତନ କରିବାର ଅଧିକାର ରହିଛି । ସେ କୌଣସି କାରଣ ନ ଦର୍ଶାଇ ଏପରି କରିପାରିବେ । ଯଦି ଆବେଦନପତ୍ର କ୍ଷେତ୍ରରେ ଏପରି କିଛି ପରିବର୍ତ୍ତନ କରାଯାଏ ତେବେ ତାହା କର୍ପୋରେଟ ଋଣଗ୍ରହୀତାଙ୍କ ୱେବସାଇଟ୍ https://www.ksspetron.in ରେ ଦର୍ଶାଯିବ ।

ଅଧିକ ସୂଚନା କିମ୍ବା କ୍ଲାରିଫିକେସନ ପାଇଁ ଆପଣ ଦୟାକରି ଲିକ୍ୟୁଡେଟରତଙ୍କୁ ୦୧୧-୪୯୧୨୧୬୪୪-୪୫ କିମ୍ବା ତାଙ୍କ ଟିମ୍ ସଦସ୍ୟଙ୍କୁ ସିଏସ୍ ଲୋଭ୍‌ପେସ୍ ବାତ୍ରାଙ୍କୁ +୯୧ ୮୩୯୮୯-୯୪୫୪୭ରେ ଯୋଗାଯୋଗ କରିପାରିବେ ।

**କେଏସ୍‌ଏସ୍ ପେଟ୍ରୋନ୍ ପ୍ରାଇଭେଟ୍ ଲିମିଟେଡ୍ ପାଇଁ**
**ସ୍ୱା/-**
**ସିଏସ୍ ଭିନୀତ କେ ଚୌଧୁରୀ**
**ଲିକ୍ୟୁଡେଟର**
**କେଏସ୍‌ଏସ୍ ପେଟ୍ରୋନ ପ୍ରାଇଭେଟ୍ ଲିମିଟେଡ୍ ମାମଲାରେ**
ଆଇବିବିଆଇ ପଞ୍ଜିକରଣ ନମ୍ବର : ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୧୦୩/ ୨୦୧୭-୧୮/୧୦୨୪୬
**iquidatorksspetron@vkcindia.com** (ପ୍ରୋସେସ୍ ସ୍ପେସିଫିକ)
**ip.vineetchaudhary@gmail.com** (ଆଇବିବିଆଇରେ ପଞ୍ଜିକୃତ)
ଆଇବିବିଆଇରେ ପଞ୍ଜିକୃତ ଲିକ୍ୟୁଡେଟରଙ୍କ ଠିକଣା
ଡି-୩୮,ଏଲଜିଏଫ(ଏଲ/ଏସ୍),ସାଉଥ୍ ଏକ୍ସଟେନ୍‌ସନ, ପାର୍ଟ-୨,ନୂଆଦିଲ୍ଲୀ-୧୧୦୦୪୯
**ତାରିଖ : ୨୧.୦୭.୨୦୨୧**
**ସ୍ଥାନ : ନୂଆଦିଲ୍ଲୀ**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସିଂହଦ୍ୱାର...

ଭୋଗ କରାଯାଇଥିଲା। ପ୍ରତ୍ୟେକ ରଥ ପାଇଁ ସ୍ୱତନ୍ତ୍ର ଭାବେ ଗୋଟିଏ ଲେଖାଏଁ ପୋଡପିଠା କୁଡୁଆ ଭୋଗ ଲାଗିଥିଲା। ପୂଜକ ପୂର୍ବରୁ ପ୍ରସ୍ତୁତ କରିଥିବା ଏହି ପିଠାକୁ ପୂଜାପଣ୍ଡା ସେବାୟତ ରଥରେ ଲାଗି କରିଥିଲେ। ବାହୁଡା ଯାତ୍ରା ଅବସରରେ ମାଉସୀ ମା'ଙ୍କ ପୂଜକ ବିଶ୍ୱନାଥ ମିଶ୍ର ନିଜ ଘରେ ଏହି ପୋଡ଼ପିଠା ପ୍ରସ୍ତୁତି କରିଥିଲେ। ପୋଡ଼ପିଠା ଖାଇବା ପରେ ମହାପ୍ରଭୁ ଭାଇ ଶ୍ରୀ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କୁ ନେଇ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ବାହୁଡ଼ା ଯାତ୍ରା ଅବସରରେ ପ୍ରଶାସନଠାରୁ ଆରମ୍ଭ କରି ସେବାୟତ ଯାଏଁ, ସମସ୍ତେ ନିଜ ନିଜ ସେବାରେ ବ୍ୟସ୍ତ। ପୁରୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇ ଥିବାରୁ ବାହାର ଭକ୍ତଙ୍କ ପ୍ରବେଶ ଉପରେ କଟକଣା ରହିଛି। ତେଣୁ ପ୍ରଭୁଙ୍କ ଏହି ମାନବୀୟ ଲୀଳାଖେଳାକୁ ଦୂରରୁ ଥାଇ ଟିଭି ମାଧ୍ୟମରେ ଦେଖୁଛନ୍ତି ଭକ୍ତ । କରୋନାକୁ ଦୃଷ୍ଟିରେ ରଖି ଭକ୍ତଙ୍କୁ ଏହି ଦୁର୍ଲଭଯାତ୍ରାରୁ ବିଚ୍ୟୁତ ରଖାଯାଇଛି। ତେବେ ବାହୁଡା ଯାତ୍ରାର ନିର୍ଘଣ୍ଟ ନୀତିଠାରୁ ସଅଳ ଅର୍ଥାତ ସକାଳ ୮ଟାରୁ ଆରମ୍ଭ ହୋଇଥିଲା ପହଣ୍ଡି ଯାତ୍ରା। ପୂର୍ବରୁ ସ୍ଥିରୀକୃତ ହୋଇଥିବା ସମୟରେ ରଥଟଣା ଆରମ୍ଭ ହୋଇଥାନ୍ତା କିନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସବୁ ନୀତିକାନ୍ତି ନିର୍ଦ୍ଧାରିତ ସମୟ ପୂର୍ବରୁ ଶୃଙ୍ଖଳିତ ଭାବେ ଶେଷ ହୋଇଥିଲା। ଚାରିଆଡ଼େ ସୃଷ୍ଟି ହୋଇଥିଲା ଭକ୍ତିମୟ ପରିବେଶ। ତିନି ଠାକୁର ଓ ସୁଦର୍ଶନ ଧାଡି ପହଣ୍ଡିରେ ଆସିଥିଲେ ରଥ ଉପରକୁ। ପ୍ରଥମେ ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି ବିଜେ ପରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ଆସିଥିଲେ ପ୍ରଭୁ ଜଗତର ନାଥ ଜଗନ୍ନାଥ। ତିନି ଠାକୁର ହଲି ହଲି ଝୁଲି ଝୁଲି ଆସି ବିରାଜିତ ହୋଇଥିଲେ ରଥରେ। ଅତ୍ୟନ୍ତ ମନରୋମ ପରିବେଶରେ ତିନି ଠାକୁରଙ୍କ ପହଣ୍ଡି ଶେଷ ହୋଇଥିଲା। ଦିବ୍ୟ ଟାହିଆ ସୁଶୋଭିତ ହୋଇ ବଡ଼ଠାକୁର ଝୁଲିଝୁଲି ବାଇଶି ପାହଚ ଦେଇ ଓହ୍ଲାଇ ଆସିବାର ଦୃଶ୍ୟରେ ଭକ୍ତମାନଙ୍କୁ ବିମୋହିତ କରିଥିଲା। ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହୋଇଥିଲା ତିନି ଠାକୁରଙ୍କ ପହଣ୍ଡି ବିଜେ ନୀତିକାନ୍ତି। ଏହାପରେ ଗଜପତି ମହାରାଜା ୩ ରଥରେ ଛେରାପହଁରା କରିବା ପରେ ଗଡ଼ିଥିଲା ରଥ। ଅପରାହ୍ନ ୪ଟା ସୁଦ୍ଧା ରଥଟଣା ଆରମ୍ଭ ହେବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ହୋଇଥିଲା। ହେଲେ ନିର୍ଦ୍ଧାରିତ ସମୟର ବହୁ ପୂର୍ବରୁ ସମସ୍ତ ନୀତି ଶେଷ ହୋଇଯାଇଥିବାରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ରଥ ଗଡ଼ିବା ଆରମ୍ଭ ହୋଇଥିଲା। ସୂଚନାଯୋଗ୍ୟ, ବାହୁଡ଼ା ଯାତ୍ରା ପାଇଁ ସୋମବାର ସଂଧ୍ୟାରୁ ଆରମ୍ଭ ହୋଇଥିଲା ସମସ୍ତ ରୀତିନୀତି। ବାହୁଡ଼ା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ବି କଡ଼ାକଡ଼ି କରାଯିବା ସହ ପୁରୀ ସହରରେ ସୋମବାର ରାତି ୮ଟାରୁ ବୁଧବାର ରାତି ୮ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରାଯାଇଛି। ବିନା ଭକ୍ତରେ ବାହୁଡା ଯାତ୍ରା ଓ ସୁନାବେଶକୁ ସମ୍ପନ୍ନ କରିବା ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏପରିକି ବଡ଼ଦାଣ୍ଡରେ ଘର କରିଥିବା ଲୋକେ ସେମାନଙ୍କ ଘର ଛାତ କିମ୍ବା ବାଲକୋନି ଉପରେ ନ ବସି ଘରେ ରହି ଟିଭିରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରାର ସିଧା ପ୍ରସାରଣ ଦେଖିବାକୁ ନିବେଦନ କରାଯାଇଥିଲା। କୋଭିଡ କଟକଣା ମଧ୍ୟରେ ସମସ୍ତଙ୍କ ସହଯୋଗରେ ମହାପ୍ରଭୁଙ୍କ ନବଦିନ ଯାତ୍ରା ସୁରୁଖୁରୁରେ ଶେଷ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନନ୍ଦ ପ୍ରକାଶ କରିଛନ୍ତି। ଏହି କଠିନ ପରିସ୍ଥିତିରେ ମହାପ୍ରଭୁଙ୍କ କରୁଣା ଯୋଗୁ ଏହା ସମ୍ଭବ ହୋଇପାରିଲା ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କ ନିକଟରେ ତାଙ୍କର ଭକ୍ତି ନିବେଦନ କରିଛନ୍ତି। ସେବାୟତମାନେ ଯେଉଁଭଳି ଭକ୍ତି ଓ ସମର୍ପଣର ଭାବ ନେଇ ମହାପ୍ରଭୁଙ୍କ ନୀତିକାନ୍ତି ଠିକ୍ ସମୟରେ ସମ୍ପନ୍ନ କଲେ ମୁଖ୍ୟମନ୍ତ୍ରୀ ତାର ଉଚ୍ଚପ୍ରଂଶସା କରିଛନ୍ତି। ଏଥିସହ ମନ୍ଦିର ପ୍ରଶାସନ, ପୋଲିସ ପ୍ରଶାସନ, ଜିଲ୍ଲା ପ୍ରଶାସନ, ଅଗ୍ନିଶମ ସେବା, ପୁରୀ ମ୍ୟୁନିସପାଲଟି ଆଦି ବିଭିନ୍ନ ସରକାରି ସଂସ୍ଥା ପରିସ୍ପର ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଉତ୍ତମ ଭାବରେ ପରିଚାଳନା କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। କୋଭିଡ କଟକଣା ଯୋଗୁ, ଭକ୍ତମାନେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଯାତ୍ରାରେ ଭାଗ ନେଇ ପାରିନଥିଲେ। ଲୋକମାନେ ଘରେ ରହି ଯେପରି ମହାପ୍ରଭୁଙ୍କ ଦିବ୍ୟ ଯାତ୍ରା ର ଆନନ୍ଦ ନେଇପାରିବେ ସେଥିପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ସୁନ୍ଦର ବ୍ୟବସ୍ଥା କରିଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି। ସର୍ବୋପରି ପୁରୀର ଜନସାଧାରଣ ନବଦିନ ଯାତ୍ରା ସମୟରେ କୋଭିଡ୍ କଟକଣା ମାନି ଯେଉଁଭଳି ସଂଯମତା ପ୍ରଦର୍ଶନ କରିଛନ୍ତି ତାହା ଅତୁଳନୀୟ ବୋଲି ମୁଖ୍ୟମନ୍ତ୍ରୀ ବର୍ଣ୍ଣନା କରି ସହରବାସୀଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି।

## ତାଞ୍ଜାନିଆରେ...

ଓ ଇରାନ୍ ସହିତ ଭାରତର ଦ୍ୱିପାକ୍ଷିକ ସମ୍ପର୍କ ନେଇ ସେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ଭାରତ ସରକାରଙ୍କ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟରେ ମଧ କାର୍ଯ୍ୟ କରିଥିଲେ। ଏହି ବିଜ୍ଞପ୍ତି ସମ୍ପର୍କରେ ସୂଚନା ମିଳିବା ପରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

## ଦ୍ୱିତୀୟ...

୪୯.୧ ଓଭରରେ ୨୭୭ ରନ୍ କରି ଏହି ବିଜୟ ଲକ୍ଷ୍ୟ ହାସଲ କରି ନେଇଛି। ପଛରେ ବ୍ୟାଟିଂ କରି ଭାରତ ପ୍ରାରମ୍ଭରୁ ଓପନର ପୃଥ୍ୱୀ ଶ' (୧୩ ରନ୍) ଅଧିନାୟକ ଶିଖର ଧାୱନ (୨୯ ରନ୍) ଏବଂ ପ୍ରଥମ ମ୍ୟାଚ ହିରୋ ଇଶାନ କିଶାନଙ୍କୁ(୧ ରନ୍)ରେ ହରାଇ ସମସ୍ୟାରେ ପଡିଥିଲା। ପରବର୍ତ୍ତୀ ସମୟରେ ମନିଷ ପାଣ୍ଡେ ୩୭ ରନ୍, ସୂର୍ଯ୍ୟକୁମାର ଯାଦବ ୫୩ ରନ୍ ଓ କ୍ରୁନାଲ ପାଣ୍ଡ୍ୟା ୩୫ ରନ୍ କରି ପ୍ୟାଭିଲିୟନ ଫେରିବା ପରେ ଭାରତ ପାଇଁ ସଙ୍କଟ ବଢ଼ି ଯାଇଥିଲା। ଭାରତ ୧୬୦ ରନ୍‌ରେ ୬ ଓ ୧୯୩ ରନ୍‌ରେ ୭ ୱିକେଟ ହରାଇ ପରାଜୟ ଆଶଙ୍କା ଦେଇ ଗତି କରୁଥିବା ବେଳେ ଭୁବନେଶ୍ୱର କୁମାରଙ୍କୁ ସାଥିକରି ଦୀପକ ଚହର ଏକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। କୌଣସି ଚାପର ବଶବର୍ତ୍ତୀ ନହୋଇ ଦୀପକ ଚହର ଶ୍ରୀଲଙ୍କା ବୋଲରଙ୍କୁ ନିସ୍ତୁକ ପ୍ରହାର କରି ୭ ଚୌକା ଓ ୧ ଛକା ବଳରେ ୮୨ ବଲରୁ ଅପରାଜିତ ୬୯ ରନ୍ କରିଥିଲେ। ସେହିପରି ଭୁବନେଶ୍ୱର କୁମାର ସାହସିକତା ଦେଖାଇ ୨୮ ବଲରୁ ୧୯ ରନ୍ କରି ଦୀପକ ଚହରଙ୍କୁ ସହଯୋଗ କରିବା ଫଳରେ ଭାରତ ୭ ୱିକେଟ୍ ବିନିମୟରେ ୨୭୭ ରନ୍ କରି ବିଜୟ ହାସଲ କରିଥିଲା। ଭାରତର ବିଜୟ ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବାରୁ ଦୀପକ ଚହରଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରା ଯାଇଛି। ଶ୍ରୀଲଙ୍କା ଏକ ସମ୍ମାନଜନକ ସ୍କୋର କରିଥିବା ବେଳେ ଦଳ ପକ୍ଷରୁ ଅସଲଙ୍କା ସର୍ବାଧିକ ୬୫ ରନ ସଂଗ୍ରହ କରିଥିବା ବେଳେ ଓପନର ଅଭିସ୍କା ଫର୍ଣ୍ଣାଡୋ ୫୦ ରନ୍, ସି କରୁଣାରତ୍ନେ ୪୪ ରନ୍, ୱିକେଟକିପର ଭାନୁକା ୩୬ ରନ୍ ଓ ଧନଞ୍ଜୟ ଡି ସିଲଭା ୩୨ ରନ୍ କରିଥିଲେ। ଭାରତ ପକ୍ଷରୁ ଚହଲ ଓ ଭୁବନେଶ୍ୱର କୁମାର ପ୍ରତ୍ୟେକ ୩ ଲେଖାଏଁ ଓ ଦୀପକ ଚହର ୨ ୱିକେଟ ଅକ୍ତିଆର କରିଥିଲେ।